# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4 August – 2026

**********************************

## ମୁଖ୍ୟ ସମ୍ବାଦ

- ତିନିଦିନିଆ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ବ୍ରହ୍ମପୁର ଗସ୍ତରେ ରାଷ୍ଟ୍ରପତି; ତପ୍ତପାଣିଠାରେ ମା’ କନ୍ଧୁଣୀଦେବୀ ମନ୍ଦିରରେ କଲେ ପୂଜାର୍ଚ୍ଚନା

- ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଧେୟକ ଉପରେ ରାଜ୍ୟସଭାରେ ଆଲୋଚନା ଜାରି

— ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ୮୧ କୋଟି ହିତାଧିକାରୀଙ୍କୁ ମିଳୁଛି ମାଗଣା ଖାଦ୍ୟଶସ୍ୟ

- ରାଜ୍ୟରେ ଖୁବ୍ ଶୀଘ୍ର ଆରମ୍ଭ ହେବ ଭୁବନେଶ୍ୱର, କଟକ, ପୁରୀ, ପାରାଦ୍ୱୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପ

ଏବଂ

- ଉତ୍କଳ ଦୀପିକାର ପ୍ରାସଙ୍ଗିକତାକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଓଡ଼ିଆ ସାମ୍ବାଦିକତା ଦିବସ

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ତିନିଦିନିଆ ଓଡ଼ିଶା ଗସ୍ତର ଆଜି ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ବ୍ରହ୍ମପୁରରେ ପହଞ୍ଚିଥିଲେ।  ତପ୍ତପାଣିଠାରେ ମା’ କନ୍ଧୁଣିଦେବୀ ମନ୍ଦିର ଓ ଶିବ ମନ୍ଦିରରେ ରାଷ୍ଟ୍ରପତି ପୂଜାର୍ଚ୍ଚନା କରିଛନ୍ତି।

ଏ ସମ୍ପର୍କରେ ଅଧିକ ସୂଚନା ଦେଇଛନ୍ତି ଆମ ସମ୍ବାଦଦାତା.....

**- V/O -**

ରାଷ୍ଟ୍ରପତି ବ୍ରହ୍ମପୁର ଫେରିବା ସହ ସନ୍ଧ୍ୟାରେ ଗୋପାଳପୁରସ୍ଥିତ ପ୍ରତିରକ୍ଷା ବାୟୁସେନା କଲେଜରେ ରାତ୍ରିଯାପନ କରିବେ। ଆସନ୍ତାକାଲି ରାଷ୍ଟ୍ରପତି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ।

# ଏଲ୍‌ଏସ୍-ଆର୍‌ଏସ୍ ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗକୁ ନେଇ  ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ସଂସଦର ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି।  ଗୃହରେ  ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ବିଧେୟକ-୨୦୨୬ ଉପରେ ବର୍ତ୍ତମାନ ଆଲୋଚନା ଜାରି ରହିଛି। ଲୋକସଭାରେ ଏହି ବିଲ୍ ପାରିତ ହୋଇସାରିଛି। ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ସମ୍ବନ୍ଧୀୟ ସଂସଦୀୟ ହାଇକମିଟିର ରିପୋର୍ଟ ଉପସ୍ଥାପିତ ହୋଇଥିଲା। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷ ସି.ପି.ରାଧାକୃଷ୍ଣନ

ଶୂନ୍ୟକାଳ ଆରମ୍ଭ କରିଥିଲେ। ମଧ୍ୟାହ୍ନ ୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ଗୃହର ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

ଆଜି ପୂର୍ବାହ୍ନ ୧୧ଟାରେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରି ନଥିଲା। ପ୍ରଥମ ମଧ୍ୟାହ୍ନ ୧୨ଟା ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଅନୁରୂପ ପରିସ୍ଥିତି ଜାରି ରହିବାରୁ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଛି।

## ଆର୍‌ଏସ୍- ଫୁଡ୍‌ଗ୍ରେନ୍‌ସ

ଜାତୀୟ ଖାଦ୍ୟ ସୁରକ୍ଷା ଚିଠା ସଂଶୋଧନ ବିଲ୍ ଉପରେ  ରାଜ୍ୟ ସରକାରଙ୍କଠାରୁ ମତାମତ ଲୋଡାଯାଇଛି ବୋଲି କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି। ରାଜ୍ୟସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ଯୋଶୀ କହିଛନ୍ତି, ଏହି ପ୍ରସ୍ତାବିତ ସଂଶୋଧନ ବିଲ୍‌ରେ କୌଣସି ରାଜ୍ୟ ଏବଂ ହିତାଧିକାରୀଙ୍କର ଖାଦ୍ୟଶସ୍ୟ ଯୋଗାଣରେ ହ୍ରାସ ଘଟିବ ନାହିଁ।

ସୁଷମ ତଥା ସମାନ ବଣ୍ଟନକୁ ସୁନିଶ୍ଚିତ କରିବା ଏହି ଚିଠା ବିଲ୍‌ର ଅନ୍ୟତମ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ ଗୃହରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ୮୧ କୋଟି ହିତାଧିକାରୀଙ୍କୁ ମାଗଣା ଖାଦ୍ୟ ଶସ୍ୟ ପ୍ରଦାନ କରାଯାଉଛି । ବିଶ୍ୱର ସର୍ବବୃହତ୍ ଖାଦ୍ୟ ଯୋଜନା ମଧ୍ୟରେ ଏହା ଅନ୍ୟତମ ବୋଲି ସେ କହିଛନ୍ତି । ଯୋଜନା ଅଧୀନରେ ହିତାଧିକାରୀ ପରିବାକୁ ପ୍ରତି ମାସରେ ୩୫ କିଲୋଗ୍ରାମ ଖାଦ୍ୟ ଶସ୍ୟ ନିଶୁଳ୍କ ପ୍ରଦାନ କରାଯାଉଛି ବୋଲି  ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି ।

## ଅନୁ ଗର୍ଗ

ରାଜ୍ୟରେ ଖୁବ୍ ଶୀଘ୍ର ଭୁବନେଶ୍ୱର, କଟକ, ପୁରୀ, ପାରାଦ୍ୱୀପ ଅର୍ଥନୈତିକ ଅଂଚଳ ପ୍ରକଳ୍ପ ଆରମ୍ଭ ହେବ ବୋଲି  ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି । ପ୍ରକଳ୍ପ ପାଇଁ ମୋଟ ୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୧୫ ଶହ କୋଟି ଟଙ୍କା କେନ୍ଦ୍ରୀୟ ସହାୟତା ମିଳିବ । ରାଜ୍ୟ ସରକାର ୩ ହଜାର ୫୦୦ କୋଟି ଟଙ୍କା ଋଣ କରି ଏହି ପ୍ରକଳ୍ପର ବିକାଶ କରିବେ । ଏଥିରେ ୪ଟି ସହରକୁ ମିଶାଇ ଭିତ୍ତିଭୂମି, ଶିଳ୍ପ, ପର୍ଯ୍ୟଟନର ବିକାଶ ସହିତ ସହରୀକରଣ କରାଯିବ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି ।

# ଓଡ଼ିଶା ଫ୍ଲଡ

ରାଜ୍ୟରେ ବନ୍ୟାସ୍ଥିତିରେ ସୁଧାର ଆସିବାରେ ଲାଗିଛି। ମହାନଦୀ ସମେତ ବିଭିନ୍ନ ଶାଖାନଦୀଗୁଡ଼ିକରେ ଜଳସ୍ତର ହ୍ରାସ ପାଇଛି। ସରକାରଙ୍କ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇ ଗତକାଲି ୧୧୦ କୋଟି ଟଙ୍କାର ପ୍ରଥମ ପର୍ଯ୍ୟାୟ ସହାୟତା ଘୋଷଣା କରାଯାଇଛି। ବର୍ତ୍ତମାନ ସୁଦ୍ଧା ତଳିଆ ଅଞ୍ଚଳରୁ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ବନ୍ୟାଜଳ ନିଷ୍କାସନ ହୋଇନଥିବାରୁ ଅନେକ ପରିବାର ବିସ୍ଥାପିତ ହୋଇ ରହିଛନ୍ତି।  ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୮ ଦଶମିକ ୩/୯ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୮୫ ହଜାର ୫୩୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୧୩ଟି ଗେଟ୍ ଦେଇ ୨ ଲକ୍ଷ ୩୮ ହଜାର ୮୦ ଘନଫୁଟ ଜଳ ନିଷ୍କାସିତ ହେଉଛି।

ରାଜ୍ୟରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଝାରସୁଗୁଡ଼ାଠାରେ ସର୍ବାଧିକ ୧୧୪ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ବନ୍ୟାଞ୍ଚଳ ଅନୁଧ୍ୟାନ

ରାଜ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିନିତ୍ ଭରଦ୍ୱାଜ ଏବଂ ସର୍ବୋଚ୍ଚ ଯନ୍ତ୍ରୀ ରତ୍ନାକର ସିହଲ ଭଦ୍ରକ ଜିଲ୍ଲାର ବିଭିନ୍ନ ବନ୍ୟାଞ୍ଚଳରେ ପହଞ୍ଚି କ୍ଷେତ୍ରୀୟ ଅନୁଧ୍ୟାନ କରିଛନ୍ତି। ତିହିଡି ବ୍ଲକ ସିନ୍ଦୋଳ, ବାରଶର ପ୍ରମୁଖ ପଂଚାୟତରେ ପହଞ୍ଚି, ନଳକୂପ ବିଶୋଧନ କାର୍ଯ୍ୟର ତଦାରଖ କରିଛନ୍ତି। ୯୫ଟି ପାଇପ୍‌ଜଳ ଯୋଗାଣ ପ୍ରକଳ୍ପ କ୍ଷତିଗ୍ରସ୍ତ ହୋଇଥିବାରୁ ମରାମତିର ନିର୍ଦ୍ଦେଶ ଦେବା ସହିତ ୪ଟି ସ୍ଥାନରେ ଭ୍ରାମ୍ୟମାଣ ବିଶୋଧନ ୟୁନିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଆ ସାମ୍ବାଦିକତା ଦିବସ

ଓଡ଼ିଆ ସାମ୍ବାଦିକତାର ଇତିହାସ, ଐତିହ୍ୟ ଓ ଗଣମାଧ୍ୟମର ଅବଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଉଛି। ସାମ୍ବାଦିକତାକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ। ସାମ୍ବାଦିକଙ୍କ କଲମମୁନ ସମାଜର ବାସ୍ତବ ଚିତ୍ରକୁ ଲୋକଲୋଚନକୁ ଆଣିଥାଏ। ଓଡ଼ିଶାର ଲୋକଙ୍କୁ ସୂଚନା ପ୍ରଦାନ ପାଇଁ ୧୮୬୬ ମସିହା ଆଜିର ଦିନରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା ପ୍ରକାଶ ପାଇଥିଲା। ଓଡ଼ିଆ ସାମ୍ବାଦିକତା ଏବଂ ଖବର କାଗଜ ପ୍ରକାଶନରେ 'ଉତ୍କଳ ଦୀପିକା'ର ପ୍ରାସଙ୍ଗିକତାକୁ ସ୍ମରଣ କରି ଆଜି ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଉଛି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା.....

ପ୍ରଥମ ଓଡ଼ିଆ ମୁଦ୍ରିତ ସମ୍ବାଦପତ୍ର 'ଉତ୍କଳ ଦୀପିକା' କର୍ମବୀର ଗୌରୀଶଙ୍କର ରାୟ ଓ ବାବୁ ବିଚିତ୍ରାନନ୍ଦ ଦାଶଙ୍କ ଦ୍ୱାରା ୧୮୬୬ ମସିହା ଆଜିର ଦିନରେ ଏକ ସାପ୍ତାହିକ ସମ୍ବାଦପତ୍ର ଭାବେ ପ୍ରକାଶନ ହୋଇଥିଲା। ଉତ୍କଳ ଦୀପିକାର ଆବିର୍ଭାବ ଓଡ଼ିଆ ଭାଷା, ସାମାଜିକ ଓ ସାଂସ୍କୃତିକ ଅଭ୍ୟୁଦୟକୁ ଅନେକାଂଶରେ ପ୍ରେରିତ କରିଥିଲା। ନଅଙ୍କ ଦୁର୍ଭିକ୍ଷର ବୀଭିଷିକା, ଓଡ଼ିଆ ଭାଷା ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ଆହ୍ୱାନ ମଧ୍ୟରୁ ଜନ୍ମ ନେଇଥିବା ଏହି ସମ୍ବାଦପତ୍ର ନୂତନ ଜନଜାଗରଣର ମାଧ୍ୟମ ସାଜିବାରେ ସଫଳ ହୋଇଥିଲା। 'ଉତ୍କଳ ଦୀପିକା' ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ଖବର କାଗଜ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। 'ଉତ୍କଳ ଦୀପିକା' ଯୁକ୍ତିନିଷ୍ଠ, ସରଳ, ସୁଗମ ଏବଂ ପ୍ରାସଙ୍ଗିକ ଖବର ପାଇଁ ପରିଚିତ ଥିଲା। ୧୯୩୬ ମସିହାରେ ଏହାର ପ୍ରକାଶନ ବନ୍ଦ ହୋଇଯାଇଥିଲେ ମଧ୍ୟ ଓଡ଼ିଆ ସାମ୍ବାଦିକତାର ଇତିହାସ ଏହା ବିନା ଅସମ୍ପୂର୍ଣ୍ଣ ବୋଲି ଅନୁଭବ କରାଯାଏ।

ଏ ସମ୍ପର୍କରେ ଢେଙ୍କାନାଳସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନର ଆସିଷ୍ଟାଣ୍ଟ ପ୍ରଫେସର ଚିରସ୍ରୋତା ଜେନା ଆକାଶବାଣୀକୁ କହିଛନ୍ତି....

**- V/O -**

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଓଡ଼ିଆ ସାମ୍ବାଦିକତା ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଗଣତନ୍ତ୍ରର ସୁଦୃଢ ସ୍ତମ୍ଭ ଭାବେ ସତ୍ୟ, ନିରପେକ୍ଷତା ଓ

ଜନସ୍ୱାର୍ଥର ସୁରକ୍ଷାରେ ସାମ୍ବାଦିକଙ୍କ ଅବଦାନ ପ୍ରଶଂସନୀୟ। ସମାଜକୁ ସଚେତନ, ସଶକ୍ତ ଓ ଦାୟିତ୍ୱବାନ କରିବାରେ ଓଡ଼ିଆ ସାମ୍ବାଦିକତାର ଏହି ନିଷ୍ଠାପର ପ୍ରୟାସ ନିରନ୍ତର ଜାରି ରହୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ **ପ୍ରଭାତୀ ପରିଡା** କହିଛନ୍ତି, ଉତ୍କଳ ଦୀପିକାରୁ ଆରମ୍ଭ ହୋଇଥିବା ଓଡ଼ିଆ ସାମ୍ବାଦିକତାର ଗୌରବମୟ ଯାତ୍ରା ଜନ ଜାଗରଣ, ସାମାଜିକ ପରିବର୍ତ୍ତନ ଓ ଓଡ଼ିଆ ଅସ୍ମିତାକୁ ସୁଦୃଢ କରିଆସିଛି।

ବର୍ତ୍ତମାନର ଡିଜିଟାଲ ଯୁଗରେ ସାମ୍ବାଦିକତାର ପରିସର ଅଧିକ ବ୍ୟାପକ ହୋଇଛି। ପ୍ରିଣ୍ଟ, ରେଡିଓ, ଦୂରଦର୍ଶନ, ଓ୍ୱେବ୍‌ପୋର୍ଟାଲ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଜନସାଧାରଣଙ୍କ ନିକଟରେ ସୂଚନା ପହଞ୍ଚୁଛି। ଏଥିମଧ୍ୟରେ ଭୁଲ ସୂଚନା, ଗୁଜବ ଓ ଅପପ୍ରଚାର ଅନ୍ୟତମ ଆହ୍ୱାନ ପାଲଟିଛି। ତେଣୁ, ତଥ୍ୟର ସଠିକତା ଯାଞ୍ଚ, ନିରପେକ୍ଷତା, ନୈତିକତା ଓ ଜନସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ଆଜିର ସାମ୍ବାଦିକତାର ପ୍ରମୁଖ ଦାୟିତ୍ୱ। ଆଜିର ଦିନ କେବଳ ଏକ ଐତିହାସିକ ସ୍ମୃତିର ଦିନ ନୁହେଁ; ସାମ୍ବାଦିକମାନଙ୍କ ଦାୟିତ୍ୱ ବୋଧକୁ ପୁନର୍ବାର ସୁଦୃଢ଼ କରିବାର ଏକ ଅବସର।

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

## ନିତ୍ୟାନନ୍ଦ ଗଣ୍ଡ

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଗସ୍ତ କରି  ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡ ରାଇଘରଠାରେ ୬୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କେନ୍ଦୁପତ୍ର

ବିଭାଗର ଏକ ନବନିର୍ମିତ କୋଠାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଓ ଋତୁକାଳୀନ କର୍ମଚାରୀଙ୍କୁ ୪୦ ଲକ୍ଷ ଟଙ୍କାର ଅନୁଦାନ ରାଶି ବଣ୍ଟନ କରିଛନ୍ତି।

## ରଥଚକ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଶ୍ରୀ ପାଢୀ ରାଷ୍ଟ୍ରପତି ଭବନରେ ଘୋଷଯାତ୍ରାର ରଥ ତ୍ରୟର ଗୋଟିଏ ଲେଖାଏ ପବିତ୍ର ଚକକୁ ରାଷ୍ଟ୍ରପତି ଭବନରେ ସ୍ଥାପନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏଥିରେ ସହମତି ପ୍ରକାଶ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ଅନୁ ଗର୍ଗ-୨

ଭୁବନେଶ୍ୱର ଲୋକସେବା ଭବନଠାରେ ବନ୍ୟା ପରବର୍ତ୍ତୀ ସ୍ଥିତିକୁ ନେଇ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅଧ୍ୟକ୍ଷତା କରି କହିଛନ୍ତି, ଜନସାଧାରଣଙ୍କୁ ରିଲିଫ ଓ କ୍ଷୟକ୍ଷତି ପ୍ରଦାନ କରିବାକୁ ପ୍ରଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଭାଗକୁ ସହଯୋଗ କରିବା ପାଇଁ ଆଲୋଚନା ହୋଇଛି।  ବୈଠକରେ ନିଶାମୁକ୍ତ ଓ ସାଇବର ଅପରାଧକୁ ରୋକିବା ନେଇ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣକୁ ଗୁରୁତ୍ୱ ଦିଆଯାଇଛି।